## ବେଆଇନ ଗୋରୁ ବୋଝେଇ ଗାଡ଼ି ଜବତ

ପାଣିକୋଇଲି,(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଡ଼ିପୁର ବ୍ରଜନଗର ମଝିରେ ବେଆଇନଭାବେ ଗୋରୁ ବୋଝେଇ କରି ଯାଉଥିବା ଏକ ପିକଅପ୍‌କୁ ରବିବାର ଲୋକେ କାବୁକରି ପୋଲିସ ଜିମା ଦେଇଛନ୍ତି। ପୋଲିସ୍ ପିକ୍‌ଅପ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପିକଅପ୍‌ରେ ୨୦ରୁ ଊର୍ଦ୍ଧ୍ୱ ଗୋରୁ ଥିବା ଜଣାପଡ଼ିଛି। ଗାଡ଼ିରେ ଆମାନୁଷିକ ଭାବେ ଗୋରୁ ବୋଝେଇ ହୋଇଥିବା ଦେଖି ସ୍ଥାନୀୟ ଲୋକେ ଗାଡ଼ି ଅଟକାଇଥିଲେ। ପରେ ଗୋରୁ ପଲଙ୍କୁ ପିକଅପ୍‌ରୁ ଉଦ୍ଧାର କରି ବାହାରେ ଛାଡି ଦେଇଥିଲେ।

## ସଂକ୍ଷେପରେ

### କଣ୍ଟେନର ଧକ୍କାରେ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି,୧୭।୧(ଡି.ଏନ.ଏ.):** ପାଣିକୋଇଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗରଠାରେ ଶନିବାର ରାତ୍ରିରେ ଏକ କଣ୍ଟେନର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ଖଇରା ଥାନା କୁପାରି ଅଞ୍ଚଳର ବାସୁଦେବ ବିଶ୍ୱାଳଙ୍କ ପୁଅ ଅଜିତ(୩୧)। ସେ ବାଲେଶ୍ୱର ୟୁନିଅନ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ସେ ତାଙ୍କ ଶ୍ୱଶୁର ଘର ଯାଜପୁରରୋଡକୁ ଆସି ବାଇକ୍‌ରେ ଘରକୁ ଫେରୁଥିବା ବେଳେ କଣ୍ଟେନର ତାଙ୍କ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଘଟାଇ କଣ୍ଟେନର ଫେରାର ହୋଇଯିବାକୁ ଉଦ୍ୟମ କରିଥିବା ବେଳେ ପାଣିକୋଇଲି ଟୋଲ ପ୍ଲାଜାରୁ ପୋଲିସ କଣ୍ଟେନରକୁ ଜବତ କରିଛି। ପରେ ଆମେ ବିପଦରେ ସାଥି ସଦସ୍ୟ ପହଞ୍ଚି ପୋଲିସ ସହାୟତରେ ମୃତଦେହକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

### ଜମି ବିବାଦରୁ ସଂଘର୍ଷ ଘଟଣାରେ ଆଉ ଜଣେ ଗିରଫ

**ରସୁଲପୁର,୧୭।୧(ଡି.ଏନ.ଏ.):** କୁଆଖିଆ ଥାନା ବାହାଦଲାପୁର ପଞ୍ଚାୟତ ବଡ଼ନିରଞ୍ଜନପୁର ଗ୍ରାମରେ ଜମି ବିବାଦକୁ ନେଇ ୨ ପରିବାରରେ ଘଟିଥିବା ସଂଘର୍ଷ ଘଟଣାରେ ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯତୀନ ଲେଙ୍କା(୫୦)। ଜମି ମାପଚୁପକୁ ନେଇ ବୁଧବାର ଦୁଇ ପରିବାରରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୫ଜଣ ଆହତ ହୋଇଥିଲେ। ଏନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଥିଲା। ଉର୍ମିଳା ଲେଙ୍କାଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରଥମେ ଦିଲୀପଙ୍କୁ ଗିରଫ କରିଥିଲା। ପରେ ବିଜୟ ଲେଙ୍କାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଯତୀନଙ୍କୁ ଗିରଫ କରିଛି।

### ‘ଇତିବୃତ୍ତରେ ଅମର’ ପୁସ୍ତକ ଲୋକାର୍ପିତ

**ନୟାଗଡ ଅଫିସ,୧୭।୧:** ବିଶ୍ୱନାଥ ମହାପାତ୍ରଙ୍କ ଲିଖିତ ଭିନ୍ନସ୍ୱାଦର ଉପନ୍ୟାସ ‘ଇତି ବୃତ୍ତରେ ଅମର’ ନୟାଗଡ ରୋଟାରୀ ଭବନରେ ରବିବାର ଲୋକାର୍ପିତ ହୋଇଛି । ଶ୍ରେଣୀ ସଂଘର୍ଷର ଭିତ୍ତିଭୂମିରେ ଗତିଶୀଳ ଉପନ୍ୟାସକୁ ପ୍ରଖ୍ୟାତ କବି ହୁସେନ ରବି ଗାନ୍ଧୀ ଲୋକାର୍ପଣ କରି କହିଥିଲେ ପ୍ରଗତୀଶୀଳ ସାହିତ୍ୟ ସୃଷ୍ଟିର ଧାରା ବୈପ୍ଳବିକ ପରିବର୍ତ୍ତନର ବାର୍ତ୍ତା ବହନ କରିଥାଏ । ପୁସ୍ତକର ସମୀକ୍ଷା କରି ଆଶୁତୋଷ ମିଶ୍ର କହିଥିଲେ ଐତିହାସିକ ଦ୍ୱନ୍ଦ୍ୱ ବାଦର ବିଭିନ୍ନ ପର୍ଯ୍ୟାୟରେ ମାଙ୍କଡ, ବଣମଣିଷ, କ୍ରୀତଦାସ, ଚାଷୀ, ଶ୍ରମଜିବୀ ଜୀବନର ଦ୍ୱନ୍ଦ୍ୱ ଓ ଉତ୍ତରଣ ମଧ ଦେଇ ଜୀବନକୁ ବ୍ୟାଖା କରୁଛି ବୋଲି କହିଥିଲେ । ସମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟବକ୍ତା ଭାବେ ପବିତ୍ର କୁମାର ସୁବୁଦ୍ଧି, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅଶୋକ ନାୟକ, ବ୍ୟଙ୍ଗକବି ସତ୍ୟାନାଶ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସାହିତ୍ୟିକ ବିଜୟ ଚୌଧୁରୀଙ୍କୁ କଳା ସାହିତ୍ୟ ସମ୍ମାନ ଓ ସଂକୀର୍ତ୍ତନ ଗାୟକ ଭାଗବତ ପ୍ରଧାନଙ୍କୁ ମରୋଣତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା ।

### ବ୍ୟାଡ୍‌ମିଣ୍ଟନ୍, ଅନୁଗୋଳ ଟିମ୍ ଚାମ୍ପିୟନ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.):** ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୨ଦିନିଆ ଦିବାରାତ୍ର ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଶୁକ୍ରବାର ଉଦ୍‌ଯାପନୀ ଦିବସରେ ଅନୁଗୋଳ ବ୍ୟାଡ୍‌ମିଣ୍ଟନ କ୍ଲବ୍ ୩-୨ ସେଟ୍‌ରେ ଭଞ୍ଜନଗର ବ୍ୟାଡମିଣ୍ଟନ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଗାନ୍ଧୀପାର୍କଠାରେ ଆୟୋଜିତ ଟୁର୍ନାମେଣ୍ଟରେ ଅନୁଗୋଳ, ଭଞ୍ଜନଗର, ବଡ଼ମ୍ବା, ଆଠଗଡ଼, ଢେଙ୍କାନାଳ, ନୟାଗଡ଼ ଓ କଇଁଥଗାଡିଆ କ୍ଲବ୍‌ର ଖେଳାଳିମାନେ ଅଂଶ ଗ୍ରହଣ କରିଥିଲେ। ରାଜେଶ ମହାରଣା ଓ ରଞ୍ଜିତ କୁମାର ମହାରଣା ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ସୁବାସ ଚନ୍ଦ୍ର ବାରିକ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

# ଦୋଷ ଲୁଚାଇବା ପାଇଁ ନୂଆ ଫନ୍ଦି

**ସିହା ପଞ୍ଚାୟତ ଦୁର୍ନୀତି ପ୍ରସଙ୍ଗ**
- ସାନି ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- କାର୍ଯ୍ୟସ୍ଥଳରେ ଲାଗିଲା ନୂଆ ସୂଚନା ଫଳକ

**ଯାଜପୁର ଅଫିସ,୧୭।୧**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ସିହା ଗ୍ରାମପଞ୍ଚାୟତରେ ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାମରେ ଅନିୟମିତତା ଓ ଆର୍ଥିକ ହେରଫେର ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଧରିତ୍ରୀରେ ନିୟମିତ ଖବର ପ୍ରକାଶ ପାଇବା ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ମଧ୍ୟ ସାନି ତଦନ୍ତ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବରଂ ଏହି ଦୁର୍ନୀତିକୁ ଚାପି ଦେବା ପାଇଁ ଏକ ନୂଆ ଫନ୍ଦିକୁ ଗ୍ରହଣ କରାଯାଇଛି। ନିର୍ମାଣ ସ୍ଥଳରେ ଏକ ନୂତନ ଫଳକ ଲଗାଯାଇଛି। ସେହି ଫଳକରେ ମେଶିନ ବ୍ୟବହୃତ ହୋଇପାରୁଥିବା ପଞ୍ଚାୟତିରାଜ ବିଭାଗର ଯୋଜନା- ୧୫ତମ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନ ବୋଲି ଉଲ୍ଲେଖ ରହିଛି। ପୂର୍ବରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ଖେଳପଡିଆ ନିର୍ମାଣରେ କେତେକ ସ୍ୱଚ୍ଛଳ ବର୍ଗର ବ୍ୟକ୍ତିଙ୍କୁ ଶ୍ରମିକ ସଜାଇ ମେଶିନ ଲଗାଇ ୬୦ ହଜାର ଟଙ୍କା ବିଲ୍ ହୋଇ ସାରିଛି। ତେଣୁ ଗୋଟିଏ କାମ ପାଇଁ ଦୁଇ ଦୁଇଟି ଫଳକ ଲଗାଇବା ପଛରେ କାହାର ମନ୍ଦ ଉଦ୍ଦେଶ୍ୟ ରହିଛି ସେ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।




ସିହା ଗ୍ରାମ ପଞ୍ଚାୟତ ଖେଳ ପଡ଼ିଆରେ ଲାଗିଥିବା ୨ଟି ଫଳକ।

ଗ୍ରାମାଞ୍ଚଳରେ କେହି କାମ ନ ପାଇ ଭୋକିଲା ରହିବେ ନାହିଁ, ସରକାରଙ୍କ ଏହି ମହତ୍ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରଣୟନ ହୋଇଛି। ଏହି ଯୋଜନାରେ ଆବେଦନକାରୀ ଶ୍ରମିକଙ୍କୁ ସରକାର ୧୦୦ ଦିନର କାମ ଯୋଗାଇବେ। କାମ ଯୋଗାଇ ନ ପାରିଲେ ଶ୍ରମିକଙ୍କୁ ଭତ୍ତା ଦେବାକୁ ସରକାର ବାଧ ବୋଲି ଏହି ଯୋଜନାରେ ନିୟମ ରହିଛି। ଏଥିରେ ଜିଲାର ପ୍ରଗତି ତଥା ଗରିବଙ୍କ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ଉନ୍ନତି ଆଣିବା ସୁନିଶ୍ଚିତ ହୋଇଛି। ମାତ୍ର ପ୍ରକଳ୍ପଗୁଡିକ କାର୍ଯ୍ୟକାରିତାରେ ଦୁର୍ନୀତି ଭରି ରହିଥିବାରୁ ବିକାଶମୁଖୀ ଜିଲା ଭାବେ ପରିଚିତ ଯାଜପୁରର ମଧ ଦାରିଦ୍ର୍ୟର ଚିତ୍ର ବଦଳୁ ନାହିଁ ବୋଲି ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସିହା ଗ୍ରାମ ଖେଳପଡ଼ିଆ ନିର୍ମାଣକୁ ଅବଲୋକନ କଲେ ଏହା ଜଳଜଳ ହୋଇ ଦିଶୁଛି। ଏହି ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ଖେଳ ପଡିଆ ନିର୍ମାଣ ହେଉଛି। ହେଲେ ଯୋଜନାର ତଥ୍ୟ ସୂଚନା ଫଳକରେ ଦର୍ଶାଯାଇନାହିଁ। ଏନେଇ ଅଭିଯୋଗ ହେବା ପରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ତୁରନ୍ତ ତଦନ୍ତ ନିମନ୍ତେ ବଡଚଣା ବିଡିଓ ଅଜିତ ପ୍ରସାଦ ଗିରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ସରଜମିନ ତଦନ୍ତ ନିମନ୍ତେ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ଖେଳପଡିଆର ନିର୍ମାଣ କାମ ଜବ୍ କାର୍ଡଧାରୀଙ୍କ ଦ୍ୱାରା ହେଉଥିବା ରିପୋର୍ଟ ପ୍ରଦାନ କରିଥିଲେ। ତେବେ ସେହି ରିପୋର୍ଟରେ କୌଣସି ଠିକ୍ ତଥ୍ୟ ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଏ ସଂକ୍ରାନ୍ତରେ ଧରିତ୍ରୀରେ ସେହି ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନିକ) ଗୋପୀନାଥ କୁଅଁର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ବୈଷୟିକ) ଅମୀୟ କୁମାର ପରିଡ଼ା, ଏଷ୍ଟିମେଟର ଦୀପକ କୁମାର ଆଚାର୍ଯ୍ୟ ଏବଂ ଜିଲା ସାମାଜିକ ଲେଖା ପରୀକ୍ଷକ (ଅଡିଟର) ସୂର୍ଯ୍ୟ ନାରାୟଣ ବେହେରା ପ୍ରମୁଖ ବ୍ଲକ ଅଧିକାରୀ ଓ ଯନ୍ତ୍ରୀଙ୍କୁ ଧରି ଖେଳପଡ଼ିଆ ନିର୍ମାଣ କାର୍ଯ୍ୟର ପୁନଃ ତଦନ୍ତ କରିଥିଲେ। ତେବେ କେତେକ ଅଯୋଗ୍ୟ ହିତାଧିକାରୀଙ୍କ ମାଧ୍ୟମରେ ଅର୍ଥ ହଡ଼ପ କରିଥିବା ସରପଞ୍ଚ, ନିର୍ବାହୀ ଅଧିକାରୀ ଓ ଜିଆର୍‌ଏସ୍‌ଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବରଂ ପଞ୍ଚଦଶ ଅର୍ଥ କମିଶନ ଯୋଜନାରେ ଏହି ପ୍ରକଳ୍ପ ପାଇଁ ଆହୁରି ୨ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି। ଏ ସଂକ୍ରାନ୍ତରେ ବଡ଼ଚଣା ବିଡିଓ ଗିରିଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କ ମୋବାଇଲକୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ୍ ରିସିଭ ନ କରିବାରୁ ମତମତ ମିଳିପାରି ନାହିଁ।

# ଧର୍ମଶାଳା(ଜାରକା)କୁ ଏନ୍‌ଏସି ଘୋଷଣା ଦାବି

**ଧର୍ମଶାଳା,୧୭।୧(ଡି.ଏନ.ଏ.):** ଧର୍ମଶାଳା(ଜାରକା)କୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି)ଘୋଷଣା କରିବାକୁ ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଦାବି କରିଛନ୍ତି। ଲାବଣ୍ୟ ଏନେଇ ମୁଖ୍ୟମନ୍ତ୍ରୀ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଏବଂ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଧର୍ମଶାଳା ଯାଜପୁର ଜିଲାର କେନ୍ଦ୍ରସ୍ଥଳୀ ହୋଇଥିବା ବେଳେ ଏହାର ସଦରମହକୁମା କୁହାଯାଉଥିବା ଜାରକା ବଜାର ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳ ଜନସାଧାରଣ ଏଠାରେ ବସବାସକରୁଥିବା ବେଳେ ଏହା ଏକ କ୍ରମବର୍ଦ୍ଧିଷ୍ଣୁ ସହରରେ ପରିଣତ ହୋଇଛି। ଜାରକାଠାରେ ବ୍ଲକ କାର୍ଯ୍ୟାଳୟ, ଜଳସେଚନ, ଉଠାଜଳସେଚନ, ଗ୍ରାମ୍ୟଉନ୍ନୟନ, ଟ୍ରେଜେରି, କୃଷି, ବିଦ୍ୟୁତ୍ କାର୍ଯ୍ୟାଳୟ ଓ ୬ଟି ବ୍ୟାଙ୍କ ସହ ବହୁ ସରକାରୀ, ବେସରକାରୀ



ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପୂର୍ବତନ ବିଧାୟକ ଦାବିପତ୍ର ପ୍ରଦାନ କରୁଛନ୍ତି।

ସ୍କୁଲ କଲେଜ ରହିଛି। ଏଥିସହିତ ଏହା ନିକଟରେ ଧର୍ମଶାଳା ଥାନା, ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଥିବାରୁ ବିଭିନ୍ନ ଅଞ୍ଚଳରୁ ଶହଶହ ଜନସାଧାରଣ ଦୈନିକ ଜାରକା ଆସିଥାନ୍ତି ବୋଲି ଲାବଣ୍ୟ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଜାରକା ସହରାଞ୍ଚଳ ଦିନକୁ ଦିନ ବୃଦ୍ଧି ପାଇବା ସହ ଏହା ଯାଜପୁର ଜିଲାର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ରଭାବେ ଗଣାଯାଉଛି। ଜାରକା ନିକଟରେ ବିଶ୍ୱପ୍ରସିଦ୍ଧ ବୌଦ୍ଧ କୀର୍ତ୍ତି ରାଜି ଲାଙ୍ଗୁଡି ସହିତ ଆଖପାଖ ଅଞ୍ଚଳରେ ୯ଟି ପର୍ଯ୍ୟଟନ କେନ୍ଦ୍ର ରହିଛି। ଲାବଣ୍ୟ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଆର. ଭିନୀଲ କ୍ରିଷ୍ଣା ଏବଂ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗୃହ ଓ ନଗର ଉନ୍ନୟନ ଯୁଗ୍ମ ସଚିବ ପ୍ରଭାତ ମହାପାତ୍ର ୮ତାରିଖରେ ଜିଲାପାଳଙ୍କୁ ଚିଠି ଲେଖିଥିବା ଜଣାଯାଇଛି।

## ଦଳକୁ ଗୋଟିଏ ସୂତାରେ ବାନ୍ଧି ରଖିବାକୁ ଆହ୍ୱାନ

**ବାଲିଆ/ବିରିଡି,୧୭।୧(ଡି.ଏନ୍.ଏ.)**

ବିରିଡି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିରିଡି ବ୍ଲକ କଂଗ୍ରେସ କମିଟି ସଭାପତି ସିତାଂଶୁ ଶେଖର ରାୟଙ୍କ ସଭାପତିତ୍ୱରେ ବାଲିଆସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ ଯୋଗଦେଇ ଦଳକୁ ଗୋଟିଏ ସୂତାରେ ବାନ୍ଧି ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ପ୍ରତିମା ମଲ୍ଲିକ, ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ୍, ଉପସଭାପତି ଲିଙ୍ଗରାଜ ମଲ୍ଲ, ସମ୍ପାଦକ ଯୁବନେତା ଦେବୀପ୍ରସାଦ ତ୍ରିପାଠୀ ଓ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ କଂଗ୍ରେସର ଏହି ବୈଠକ ଗୁରୁତ୍ୱ ବହନ କରୁଛି ବୋଲି ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଏନେଇ ଦଳକୁ ପଞ୍ଚାୟତ ଓ ୱାର୍ଡସ୍ତରରେ ମଜଭୁତ କରିବାକୁ କଂଗ୍ରେସ କର୍ମୀମାନେ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସରପଞ୍ଚ ତୃପ୍ତିମଞ୍ଜରୀ ପରିଡା, ଜ୍ୟୋତ୍ସ୍ନାରାଣୀ ବେହେରା, ସ୍ୱର୍ଣ୍ଣପ୍ରଭା ଭୋଇ, ରେଣୁବାଳା ପାଳ ପ୍ରମୁଖ ଯୋଗଦେଇଥିଲେ।

# ମଣ୍ଡିରେ ପଡ଼ିଛି ଧାନ, ଚାଷୀ ହନ୍ତସନ୍ତ

**ଖଣ୍ଡପଡା,୧୭।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବନମାଳୀପୁର ସେବା ସମବାୟ ସମିତିରେ ଖୋଲି ଥିବା ମଣ୍ଡିକୁ ଧାନ କିଣିବା ପାଇଁ ଠିକ୍ ସମୟରେ ମିଲର ଆସୁ ନାହାନ୍ତି। ଏଥିପାଇଁ ଗତ ୨ ଦିନ ହେବ ମଣ୍ଡିରେ ଧାନ ପଡି ରହିଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ମଣ୍ଡିରୁ ଧାନକ୍ରୟ ନିମନ୍ତେ ପ୍ରତି ଶନିବାର ମା’ବଜରଙ୍ଗୀ ଫୁଡ ପ୍ରୋସେସିଂ ୟୁନିଟ କର୍ମକର୍ତ୍ତା ଆସିବା କଥା। ହେଲେ ସେମାନେ ଆସୁ ନ ଥିବାରୁ ଶତାଧିକ ବସ୍ତା ଧାନ ପଡି ରହିଛି। ଶୀତ କାକରରେ ଚାଷୀମାନେ ସେହି ଧାନକୁ ଜଗି ରହିଛନ୍ତି। ବନମାଳୀପୁର ସେବା ସମବାୟ ସମିତିର ସମ୍ପାଦକ ସମ୍ପୃକ୍ତ ମିଲର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ବ୍ଲକ ଯୋଗାଣ ନିରୀକ୍ଷକ, ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# କଅଁଳ ହାତରେ ପରିବାର ବୋଝ

- ବଢୁଛି ଶିଶୁ ଶ୍ରମିକଙ୍କ ସଂଖ୍ୟା
- ଉଦାସୀନ ପ୍ରଶାସନ,ବାଧ୍ୟ କରୁଛି ଆର୍ଥିକ ସ୍ଥିତି

**ନୟାଗଡ଼ ଅଫିସ,୧୭।୧**

ନୟାଗଡ଼ ଜିଲାରେ ଶିଶୁମାନଙ୍କ ଅଧିକାର କ୍ଷୁଣ୍ଣ ହୋଇ ଚାଲିଛି। ଶିଶୁଙ୍କ ଯତ୍ନ ଓ ଭବିଷ୍ୟତ ପାଇଁ କାହାରି ଚିନ୍ତା ନାହିଁ। ଜିଲା ସଦର ମହକୁମାଠାରୁ ଆରମ୍ଭକରି ସହର ଓ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକମାନେ କାମ କରୁଛନ୍ତି। ତଥାପି ଏ ଉଦ୍ଦେଶ୍ୟରେ କାମ କରୁଥିବା ସର୍ବଶିକ୍ଷା ଅଭିଯାନ, ଶ୍ରମ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ), ଜିଲା ଶିଶୁ ମଙ୍ଗଳ କମିଟି(ଡିସିଡବ୍ଲ୍ୟୁସି) ଚୁପ୍ ହୋଇ ବସିଛନ୍ତି। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀମାନେ ଏକାଠି ହୋଇ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରୁ ନ ଥିବାରୁ ଶିଶୁମାନଙ୍କୁ କଅଁଳ ହାତରେ ପରିବାର ବୋଝ ସମ୍ଭାଳିବାକୁ ପଡୁଛି। ଏ ନେଇ ଜିଲା ପ୍ରଶାସନର ଉଦ୍ୟମ ମଧ ଉଦ୍‌ବେଗଜନକ ବୋଲି ଅଭିଯୋଗ ହୋଇଛି।

ଏପରି ସ୍ଥିତିରେ ଶିଶୁମାନେ ଆଇନକାନୁନ୍ ବିଷୟରେ ଅଜ୍ଞ। ଯେଉଁ ବୟସରେ ସେମାନଙ୍କ ହାତରେ ବହି ବସ୍ତାନି ରହିବା କଥା ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ମାଲିକଙ୍କ ଚାପରେ ସେମାନେ ହାଡ଼ଭଙ୍ଗା ପରିଶ୍ରମ କରୁଛନ୍ତି। ପରିବାର ଚଳାଇବା କିମ୍ବା ନିଜ ପେଟ ପୋଷିବା ପାଇଁ ସେହି ପିଲାମାନଙ୍କୁ ଅନ୍ୟର ନିର୍ଯାତନା ବି ସହିବାକୁ ପଡୁଛି। ଆଇନ କହୁଛି ଶିଶୁ ଶ୍ରମିକ ପ୍ରଥା ବେଆଇନ। ୧୯୮୬ ରେ ପ୍ରଣୀତ ଶିଶୁ ଶ୍ରମିକ ନିୟନ୍ତ୍ରଣ ଆଇନକୁ ସରକାର ଓ ପ୍ରଶାସନ ଠିକ୍ ଭାବେ କାର୍ଯ୍ୟକାରୀ କରିବାରେ ବିଫଳ ହେବାରୁ ସୁପ୍ରିମ୍‌କୋର୍ଟ ଏନେଇ ସରକାରଙ୍କୁ ତାଗିଦ୍ କରିଥିଲେ। ଏହି ଆଇନ ଜରିଆରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ସେମାନଙ୍କୁ ଥଇଥାନ ତଥା ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତି ଦଣ୍ଡିତ ହେବାର ନିୟମ ରହିଛି। ହେଲେ ଆଇନ ନାଳିଫିତା ତଳେ ବନ୍ଧା ପଡିଥିବା ବେଳେ ଶିଶୁ ଶ୍ରମିକ ପ୍ରଥା ବଢ଼ି ଚାଲିଛି। ଏଥିରୁ ନୟାଗଡ ଜିଲା ବାଦ୍ ପଡିନାହିଁ। ଜିଲାରେ ବହୁ ସଂଖ୍ୟକ ଲୋକ ଗରିବ ଶ୍ରେଣୀର। ସେମାନେ ନିଜ ପିଲାଙ୍କୁ ପାଠ ପଢ଼ାଇବାରେ ସକ୍ଷମ ହୋଇ ନ ଥାନ୍ତି। ବରଂ ସେହି ଶିଶୁମାନଙ୍କୁ ଧନୀ ଲୋକଙ୍କ ଘରେ ବାର୍ଷିକ ଚୁକ୍ତିରେ କାମ କରାଇବାକୁ ଛାଡି ଦେଇଥାନ୍ତି। ପରିସ୍ଥିତିରେ ପଡି ସେମାନେ ଢାବା, ହୋଟେଲ, ପାଉଁରୁଟି ଫାକ୍ଟ୍ରି, ଇଟାଭାଟି ପରି ବିପଦସଙ୍କୁଳ ସଂସ୍ଥାରେ କାମ କରନ୍ତି। କେତେଜଣ ଠିକାଦାର ବି କମ୍ ମଜୁରି ଦେଇ ସେମାନଙ୍କୁ ନିଯୋଜିତ କରିଥାନ୍ତି।

ମିଳିଥିବା ଏକ ସୂଚନା ଅନୁଯାୟୀ, ଜିଲା ସଦର ମହକୁମାରେ ୧୨ରୁ ଉର୍ଦ୍ଧ୍ୱ ଶିଶୁ ଭିକ୍ଷାବୃତ୍ତିରେ ନିୟୋଜିତ ଅଛନ୍ତି। ବିଭିନ୍ନ ଛୁଟିଦିନରେ ଅଧିକ ସଂଖ୍ୟକ ଶିଶୁ ଭିକ୍ଷା ବୃତ୍ତି କରୁଥିବା ଦେଖିବାକୁ ମିଳି ଥାଏ। ନୟାଗଡ଼ ସହରରେ ଭିକ୍ଷାବୃତ୍ତି କରୁଥିବା ଜଣେ ୧୦ବର୍ଷର ବାଳିକା କୁହନ୍ତି, ଆମ ଘର କନ୍ଧମାଳରେ। ନିଜ ଘର ନ ଥିବାରୁ ଆମେ ୨ ଭଉଣୀ ମା’ ସହ ନୟାଗଡରେ ଆସି ରହୁଛୁ। ଆମର ଠିକଣା ବୋଲି କିଛି ନାହିଁ। ଆମେ ଦୁଇ ଭଉଣୀ ଓ ମା’ ଭିକ୍ଷାବୃତ୍ତି କରୁଛୁ। ଯାହା ରୋଜଗାର ହୁଏ ସେଥିରେ ଚଳୁଛୁ। ପାଠପଢ଼ା ଆମ ଭାଗ୍ୟରେ ନାହିଁ। ପାଠ ପଢ଼ିବାକୁ ଇଚ୍ଛା ବି କରୁନାହୁଁ। ୯ ବର୍ଷର ଜଣେ ବାଳକ କୁହନ୍ତି, ନୟାଗଡ଼ର ଏକ ହୋଟେଲରେ କାମ କରୁଥିବାବେଳେ ପ୍ରଶାସନର ଚଢ଼ାଉରେ ମୁଁ ଧରା ପଡ଼ିଥିଲି। ସେମାନେ ହୋଟେଲରୁ ଆଣି ମୋତେ ବାପାଙ୍କୁ ଦେଇଦେଲେ। ଘରର ସ୍ଥିତି ଭଲ ନ ଥିବାରୁ ଏବେ ପୁଣି ଦୋକାନରେ କାମ କରୁଛି। ସରକାର ଆମ ପାଇଁ କ’ଣ ଆଇନ କରିଛନ୍ତି ମୁଁ ଜାଣିନାହିଁ। ଖାଲି ଆଇନ କରିଦେଲେ ଆମ ଘର କ’ଣ ଚଳିବ। ଆମେ ପାଠ ପଢ଼ିଲେ ପରିବାର କିପରି ଚଳିବ। ଏ ନେଇ ଜଣେ ମହିଳା କୁହନ୍ତି, ମୋର କେବଳ ଗୋଟିଏ ଝିଅ। ସ୍ୱାମୀ ମରିଗଲା ପରେ କିପରି ଚଳିବି ଚିନ୍ତା କରିପାରି ନ ଥିଲି। ଶେଷରେ ଭିକ୍ଷାବୃତ୍ତି କରି ଚଳୁଛି। ମୋ ୭ ବର୍ଷର ଝିଅ ପାଠ ପଢ଼ିଲେ କ’ଣ ହେବ। ମୋ ଅସୁବିଧା ଦେଖି ସେ ବି ଭିକ୍ଷାବୃତ୍ତି କରୁଛି। ଆମର ଅସୁବିଧା କେହି ବୁଝୁ ନାହାନ୍ତି। ସେଥିପାଇଁ ଆମେ ଭିକ୍ଷାବୃତ୍ତି ଛାଡି ପାରୁ ନାହୁଁ ବୋଲି ସେ କହିଛନ୍ତି।

## ଖେଳ ଖବର

### ଭଲିବଲ: ବ୍ରାହ୍ମଣୀଦେବୀ ଚାମ୍ପିୟନ



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ରସୁଲପୁର,୧୭।୧(ଡି.ଏନ.ଏ.)**

ରସୁଲପୁର ବ୍ଲକ ମୁଗୁପାଳ ହାଇସ୍କୁଲ ଖେଳପଡିଆରେ ପ୍ରଗତି କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲରେ ବ୍ରାହ୍ମଣୀଦେବୀ ଭଲିବଲ ଟିମ୍ ୩-୦ ସେଟ୍‌ରେ ପ୍ରଗତି କ୍ଲବ-ମୁଗୁପାଳ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ନେହେରୁ ଷ୍ଟାଡିୟମ-ଭଦ୍ରକ, କୃଷ୍ଣଚନ୍ଦ୍ରପୁର, ବ୍ରାହ୍ମଣୀଦେବୀ କ୍ଲବ-ନଗୁଆଁ, ପ୍ରଗତି କ୍ଲବ-ମୁଗୁପାଳ ଆଦି ଦଳ ଯୋଗ ଦେଇଥିଲେ। ସୁସ୍ମିତା ମିଶ୍ର, ଗୋପାଳ ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ଦାସ, ବ୍ଲକ ବିଜେଡି ସଭାପତି ଅରୁଣ ରାଉତ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### କ୍ରିକେଟ: ସୁକରପଡ଼ା, ବନ୍ଧୁପୁର ଚାମ୍ପିୟନ

**ଡେରାବିଶ, ୧୭।୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଖେଳପଡିଆରେ ପ୍ରିୟବ୍ରତ ମାୟାଧର ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ପଲେଇ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଯୁବ କ୍ରିକେଟିୟର ପ୍ରିୟବ୍ରତ ଓ ମାୟାଧରଙ୍କ ସ୍ମରଣରେ ୨ ଟୁର୍ନାମେଣ୍ଟ ହୋଇଥିଲା। ଟୁର୍ନାମେଣ୍ଟରେ ୩୨ ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରିୟବ୍ରତ ସ୍ମାରକୀ ଟୁର୍ନାମେଣ୍ଟ ଫାଇନାଲ୍‌ରେ ସୁକରପଡ଼ା ଜିଗିନପୁର ଟିମକୁ ଭେଟିଥିଲା। ସୁକରପଡା ଚାମ୍ପିୟନ ହୋଇଥିଲା। ମାୟାଧର ସ୍ମାରକୀ ଟୁର୍ନାମେଣ୍ଟରେ ନାଗଣପୁର ବନ୍ଧୁପୁର ଟିମ୍‌କୁ ଭେଟିଥିଲା। ବନ୍ଧୁପୁର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାରଦା ନାଥଶର୍ମା ସଂଯୋଜନା କରିଥିବା ବେଳେ ମୁଖ୍ୟଅତିଥି ସଞ୍ଜୟ ଅଗ୍ରୱାଲ, ମୁଖ୍ୟବକ୍ତା ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଶ୍ରୀମନ୍ତ ରାଉତରାୟ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

### ଅଲ୍‌ଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯାଜପୁର ଟାଉନ, ୭।୧(ଡି.ଏନ.ଏ.)**

ଅଲଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ମିର୍ଜାପୁରସ୍ଥିତ ରାବଣପୋଡ଼ି ପଡ଼ିଆରେ ଅଲଷ୍ଟାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଆୟୋଜକ ବିକାଶ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ମ୍ୟାଚ୍ ମିର୍ଜାପୁର ହ୍ୱାଇଟ ଟାଇଗର କ୍ରିକେଟ କ୍ଲବ ଓ ବିଲିପଡ଼ା କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌କୁ ମୁଖ୍ୟଅତିଥି କୃପାସିନ୍ଧୁ ମହାରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମିର୍ଜାପୁର ଦଳ ୮ଓଭରରେ ୭୪ରନ୍ କରିଥିବା ବେଳେ ବିଲିପଡ଼ା ଦଳ ସମସ୍ତ ଉଇକେଟ ହରାଇ ୪୦ରନ୍ କରି ପରାଜିତ ହୋଇଥିଲା।

### ସାଇଶ୍ରୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାଲିଆ,୧୭।୧**

ବିରିଡି ବ୍ଲକ ଦଣ୍ଡଲୋ-ଶଢେଇଶାସନସ୍ଥିତ ସାଇଶ୍ରୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ରବିବାର ଏକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ଅଳକା ମହାବିଦ୍ୟାଳୟ ପଛପଟ ପଡ଼ିଆରେ ଆୟୋଜିତ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ସରପଞ୍ଚ ଅମିତ ରାଉଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ୧୬ ଟିମ୍ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ ମଙ୍ଗୁଲି ଓ ରତ୍ନବଟ ଦଳ ମଧ୍ୟରେ ହୋଇଛି। ଉଦ୍‌ଘାଟନୀ ସମାରୋହରେ ତପନ ବେହେରା, ତୁଷାର ଧରୁଆ, ସତ୍ୟପ୍ରକାଶ, ସୁନିଲ ପରିଡା ଓ ସୌମ୍ୟଜିତ୍ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

### କ୍ରିକେଟ: ଗୋପାଳପୁର ଚାମ୍ପିୟନ

**ପାଣିକୋଇଲି,୧୭।୧(ଡି.ଏନ.ଏ.):** କୋରାଇ ବ୍ଲକ ପଥରପଦା ଗ୍ରାମର ନେତାଜୀ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦେବାଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି । ରବିବାର ଫାଇନାଲ ମ୍ୟାଚ୍ ଗୋପାଳପୁର ବନାମ ଜଗନ୍ନାଥ ପ୍ରସାଦ ମଧ୍ୟରେ ହୋଇଥିଲା। ଗୋପାଳପୁର ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୪୮ ରନ କରିଥିଲା। ଜଗନ୍ନାଥ ପ୍ରସାଦ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରି ପରାଜୟ ବରଣ କରିଥିଲା। ଫଳରେ ଗୋପାଳପୁର ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସନ୍ତୋଷ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

### ବୀଣାପାଣି କ୍ରିକେଟ କ୍ଲବ ଚାମ୍ପିୟନ




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ରାଜନଗର,୧୭।୧(ଡି.ଏନ.ଏ.)**

ରାଜନଗର ବ୍ଲକ୍ ବେଲପାଳକାଳୀ ପଡ଼ିଆରେ ଚାଲିଥିବା ମା’ କାଳୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ମା’ ବୀଣାପାଣି କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ବୀଣାପାଣି ଟିମ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ୍ କରିଥିଲା। ମା’ ବୁଢ଼ୀ ଜାଗୁଳାଇ କ୍ରିକେଟ ଟିମ୍ ୧୮ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୮ ରନ୍ କରିଥିଲା। ନିଗମାନନ୍ଦ ମହାନ୍ତି ଓ କାଳନ୍ଦୀ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଆୟୋଜକ ମା’କାଳୀ କ୍ରିକେଟ ଆସୋସିଏଶନ ସଭାପତି ବିକ୍ରମ ବାରିକଙ୍କ ସଭାପତିତ୍ୱରେ ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ଏବଂ ଆର୍ଥିକ ରାଶି ପ୍ରଦାନ କରିଥିଲେ। ରବୀନ୍ଦ୍ର କୁମାର ସେଠୀ, ମୁଲତା ପଣ୍ଡା, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଶାନ୍ତି କମିଟି ବୈଠକ

**ନୟାଗଡ ଅଫିସ:** ନୟାଗଡ ଜିଲାସ୍ତରୀୟ ଶାନ୍ତି କମିଟିର ପ୍ରଥମ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ଼ ବ୍ଲକ ଗମ୍ଭାରିଡିହି ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ଦିବାକର ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ବଡ଼ମ୍ବାର ବ୍ରଜବନ୍ଧୁ ସାହୁ ଓ ବୋଲଗଡର କୃଷ୍ଣ ମୋହନ ପାଲଟାସିଂହ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ନୟାଗଡ ଜିଲା ଓ ଜିଲାର ବିଭିନ୍ନ ବ୍ଲକ ପାଇଁ କମିଟି ଗଠନ କରାଯାଇଥିଲା। ଜିଲା ସଭାପତି ଭାବେ ଦର୍ପନାରାୟଣପୁରର ଶଙ୍କର୍ଷଣ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି।

### ସଂକ୍ଷେପରେ

## ଶର୍ଟସର୍କିଟ୍ ଯୋଗୁ ଜଳିଗଲା ୪ ବଖରା

**ରସୁଲପୁର,୧୭।୧(ଡି.ଏନ.ଏ.):** ରସୁଲପୁର ବ୍ଲକ ପହଁଗାଁ ପଞ୍ଚାୟତ ପହଁଗାଁ ଗ୍ରାମରେ ରବିବାର ସକାଳେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଶିଶିର ଦାସ ଓ ଚୈତନ୍ୟ ଦାସଙ୍କ ୨ ବଖରା ଲେଖାଏ ଜଳି ପାଉଁଶ ହୋଇଯାଇଛି। ଏଥିସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହଠାତ ଘର ମଥାନରୁ ଧୂଆଁ ବାହାରୁଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ। ଏହାପରେ ଘରେ ଥିବା ଲୋକେ ବାହାରକୁ ବାହାରି ଆସି ଯାଜପୁରରୋଡ୍ ଦମକଳ ବାହିନୀକୁ ଖବର ଦେଇଥିଲେ। ବିଦ୍ୟୁତ୍ ତାରରୁ ନିଆଁ ଲାଗିଥିବାରୁ ପାଣି ପକାଇ ନିଆଁ ଲିଭାଇବାକୁ ଲୋକେ ଭୟ କରିଥିଲେ। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇଯାଇଥିଲା। ଶିଶିରଙ୍କ ଘରେ ଥିବା ନଗଦ ୨୦ ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ପହଁଗାଁ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେବାସହ କ୍ଷୟକ୍ଷତି ଆକଳନ କରିଛନ୍ତି।

## ୨୪ରେ ସୁକିନ୍ଦାରେ ଖୋଲିବ ଗ୍ରାମ ନ୍ୟାୟାଳୟ

**ସୁକିନ୍ଦା,୧୭।୧(ଡି.ଏନ୍.ଏ.):** ଆସନ୍ତା ୨୪ ତାରିଖରେ ଯାଜପୁର ଜିଲା ସୁକିନ୍ଦାରେ ଗ୍ରାମ ନ୍ୟାୟାଳୟ ଖୋଲିବ। ଏହିମର୍ମରେ ଯାଜପୁର ଜିଲାପାଳ, ଏସ୍‌ପି ଏବଂ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ଅତିରିକ୍ତ ସଚିବ ଭାଗ୍ୟଲକ୍ଷ୍ମୀ ରଥ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି ଯେ, ମୁଖ୍ୟ ବିଚାରପତି ଏହି ଗ୍ରାମ ନ୍ୟାୟାଳୟକୁ ଉଦ୍‌ଘାଟନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ଅବସରରେ ଜଷ୍ଟିସ ବିଶ୍ୱନାଥ ରଥ ମଧ ଉପସ୍ଥିତ ରହିବେ। ତେଣୁ ସମସ୍ତ ଆବଶ୍ୟକ ବ୍ୟବସ୍ଥା କରି ଜିଲାଜଜ୍ ଓ ସେସନ ଜଜ ଯାଜପୁରଙ୍କ ସହ ଯୋଗାଯୋଗ କରିବାକୁ ସଚିବ ରଥ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ଯାଜପୁର ଜିଲାଜଜ ଶ୍ରୀକାନ୍ତ ମିଶ୍ର ସୁକିନ୍ଦା ଗ୍ରାମ ନ୍ୟାୟାଳୟ ପରିସରକୁ ପ୍ରାରମ୍ଭିକ ପରିଦର୍ଶନ କରିଥିଲେ। ଜେଏମଏଫ୍‌ସି କୋର୍ଟ ଖୋଲିବା ନିମନ୍ତେ ଅନ୍ୟ ଘର ଓ ପିଓଙ୍କ ରହିବା ଘର ମଧ ବୁଲି ଦେଖିଥିଲେ। ସେ ସନ୍ତୋଷ ପ୍ରକାଶ କରିବା ସହ ଚଳିତ ମାସରେ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇ ଫେରିଥିଲେ।

## ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ବରକୋଳି ଗ୍ରାମସ୍ଥିତ ହନୁମାନ ମନ୍ଦିର ପରିସରରେ ନୟାଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ଆଇନଜୀବି ରଣଜିତ୍ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଦଳର ବହୁ ନେତା, କର୍ମୀ ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିମାନେ ଯୋଗଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ହୁସେନ ଖାଁ, ବସନ୍ତ କୁମାର ମହାରଣା, ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର ପ୍ରମୁଖ ଯୋଗଦେଇ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନ ପୁର୍ନଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ଭାପୁର ଓ ଖଣ୍ଡପଡା ବ୍ଲକରେ ଚାଲିଥିବା ଦୁର୍ନୀତିକୁ ପ୍ରମୁଖ ପ୍ରସଙ୍ଗ କରି କଂଗ୍ରେସ ଆନ୍ଦୋଳନ କରିବ ବୋଲି ମତ ପ୍ରକାଶ ପାଇଥିଲା।

## ଭଲିବଲ ଟୁର୍ନାମେଣ୍ଟ, ଇଟାମାଟି ଚାମ୍ପିୟନ

**ନୟାଗଡ ଅଫିସ,୧୭।୧:** ସଜନାପଡା ଗାଁରେ ସହଯୋଗ ରାମେଶ୍ୱର କ୍ଲବ ପକ୍ଷରୁ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୮ଟି ଟିମ୍ ଏଥିରେ ଅଂଶ ଗ୍ରହଣ କରିଥିଲେ। ଇଟାମାଟି ଦଳ ରଣପୁରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ବିଜେତା ଦଳ ୨ ହଜାର ଓ ଉପବିଜେତା ଦଳକୁ ୧୫ ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ମାଗୁଣୀ ସେଠୀ, ସରପଞ୍ଚ ପଦ୍ମ ଚରଣ ଉଦୟ ଭାନୁ ଯୋଗ ଦେଇଥିଲେ।

# ଖାଦ୍ୟ ମାନ ଯାଞ୍ଚ ବ୍ୟବସ୍ଥା ନାହିଁ

**କେନ୍ଦ୍ରାପଡ଼ା ଅଫିସ, ୧୭।୧**

**କେନ୍ଦ୍ରାପଡ଼ା ଜିଲା**
- ଆଞ୍ଚଳିକ ପରୀକ୍ଷାଗାର ପ୍ରତିଷ୍ଠା ଦାବି
- ମାମଲା ଅଭାବରୁ ଆଇନ ନିଷ୍କ୍ରିୟ
- ଶିଶୁ ଖାଦ୍ୟ ପରଖିବାକୁ ଦିଆଯାଇନାହିଁ ତାଲିମ

ରାଜ୍ୟର ବିଭିନ୍ନ ସ୍ଥାନରୁ ଧରପଗଡ଼ ପରେ ନକଲି ସାମଗ୍ରୀ କାରଖାନା ଠାବ ହେଉଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରୁ ଦୁଇବର୍ଷ ମଧରେ ନକଲି ମସଲାଗୁଣ୍ଡ କାରଖାନା ଓ ଦୁହୁରିଆଠାରେ ନକଲି ଜର୍ଦ୍ଦା କାରବାରର ପର୍ଦ୍ଦାଫାଶ ହୋଇଥିଲା। ବିଭିନ୍ନ ସମୟରେ ନିମ୍ନମାନର ଖାଦ୍ୟ ଖାଇବା ଯୋଗୁ ସାଧାରଣ ଲୋକ ରୋଗରେ ପଡୁଛନ୍ତି। ଖାଦ୍ୟର ମାନ ଯାଞ୍ଚ ପାଇଁ ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗର ପରୀକ୍ଷାଗାର ଅଛି। ଏଥିସହ ବାଲେଶ୍ୱର, କନ୍ଧମାଳ, ଝାରସୁଗୁଡ଼ା ଓ ମୟୂରଭଞ୍ଜ ଜିଲାରେ ଆଞ୍ଚଳିକ ପରୀକ୍ଷାଗାର ରହିଛି। କେନ୍ଦ୍ରାପଡ଼ାରେ ଆଞ୍ଚଳିକ ପରୀକ୍ଷାଗାର ପ୍ରତିଷ୍ଠା ପାଇଁ ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ଖାଦ୍ୟ ଯୋଗାଣ ବିଭାଗର ବିଭିନ୍ନ ଅଧିକାରୀ, ଜିଲାପାଳଙ୍କୁ ଶୁକ୍ରବାର ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ ଚିଠି ସହ ଦାବିପତ୍ର ପ୍ରଦାନ କରିଛନ୍ତି।

ଏ ସମ୍ପର୍କରେ ମଞ୍ଚ ସଭାପତି ସାମଲ କହିଛନ୍ତି, ସମଗ୍ର ଦେଶରେ ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ଆହାର ଯୋଜନା ମାଧମରେ ବହୁ ଲୋକ ଉପକୃତ ହେଉଛନ୍ତି। ମାତ୍ର ଏସବୁ ଖାଦ୍ୟର ମାନ ପରୀକ୍ଷଣ ପାଇଁ ଜିଲାରେ ବ୍ୟବସ୍ଥା ନାହିଁ। ଖୋଲା ବଜାରରେ ଖାଦ୍ୟ ପଦାର୍ଥ ବିକ୍ରି ଚାଲିଛି। ପରୀକ୍ଷାଗାର ନ ଥିବାରୁ ଏହାର ମାନ ଯାଞ୍ଚ ହୋଇପାରୁନାହିଁ। ଜିଲାରେ ଏହି ପରୀକ୍ଷାଗାର ସ୍ଥାପନ ହେଲେ କେନ୍ଦ୍ରାପଡ଼ା ସମେତ ନିକଟସ୍ଥ ଯାଜପୁର, ଜଗତ୍‌ସିଂହପୁର ଓ କଟକ ଜିଲାର କେତେକ ଅଂଶର ଲୋକେ ଉପକୃତ ହୋଇପାରିବେ। ଆଇନଜୀବୀ ଦେବଦାସ ମହାନ୍ତି କହିଛନ୍ତି, ଦେଶରେ ଖାଦ୍ୟର ମାନ ସୁରକ୍ଷା ପାଇଁ ବିଭିନ୍ନ ଆକ୍ଟ ଓ ଅର୍ଡର ସହ ୨୦୦୬ରେ ଦ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଆକ୍ଟ ପ୍ରଚଳନ ହୋଇଛି। ମାତ୍ର ଆଇନଗୁଡ଼ିକୁ କାର୍ଯ୍ୟକାରୀ ନିମନ୍ତେ ଆଶାନୁରୂପକ ମାମଲା କୋର୍ଟକୁ ଆସିପାରୁ ନ ଥିବାରୁ ଉପଭୋକ୍ତା ଲାଭ ଉଠାଇ ପାରୁନାହାନ୍ତି। ଖାଦ୍ୟର ମାନ ପରୀକ୍ଷଣ ନ ହେବା ଫଳରେ ଖରାପ ଖାଦ୍ୟ ସମ୍ପର୍କରେ କୌଣସି ସୂଚନା ମିଳୁନାହିଁ। ବିଭାଗୀୟ ଅଧିକାରୀ ମଧ ଅବହେଳା କରୁଛନ୍ତି ବୋଲି ମତ ଦେଇଛନ୍ତି। ବୁଦ୍ଧିଜୀବୀ ଶିବାଶିଷ ମହାନ୍ତି କହିଛନ୍ତି, ୨୦୧୭ ଅଗଷ୍ଟରେ ପ୍ରକାଶିତ ସିଏଜି ରିପୋର୍ଟରେ ଖାଦ୍ୟର ମାନ ଯାଞ୍ଚ କ୍ଷେତ୍ରରେ ଅବହେଳା ହେଉଥିବା ନେଇ ସ୍ପଷ୍ଟ ହୋଇଛି। ପ୍ରାୟ ୯୦ ପ୍ରତିଶତ ଖାଦ୍ୟର ମାନ ପରୀକ୍ଷଣ ହେଉ ନ ଥିବା ଦର୍ଶାଯାଇଛି। ବହୁ ଶିଶୁ, ପ୍ରସୂତିଙ୍କୁ ଦିଆଯାଉଥିବା ଛତୁଆ ଓ ଅନ୍ୟ ପୁଷ୍ଟିକର ଖାଦ୍ୟର ମାନ ଭଲ ରହୁନାହିଁ। ବିଭିନ୍ନ ସମୟରେ ମଧ୍ୟାହ୍ନଭୋଜନ ଖାଇ ଛାତ୍ରୀଛାତ୍ର ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଦେଖାଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କୁ ପଚାରିବାରେ ମଧ୍ୟାହ୍ନଭୋଜନର ମାନ ନିର୍ଦ୍ଧାରଣ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଏକ କମିଟି ଗଠନ ହୋଇଛି। ସେହିପରି ଆହାର କେନ୍ଦ୍ରର ମାନ ବିଭିନ୍ନ ସମୟରେ ଯାଞ୍ଚ ହେଉଛି। ଜିଲା ଖାଦ୍ୟ ନିରୀକ୍ଷକ ବଜାରରେ ବାରମ୍ବାର ଚଢ଼ାଉ କରୁଛନ୍ତି। ଖାଦ୍ୟର ମାନ ଯାଞ୍ଚ କରିବାକୁ ପରୀକ୍ଷାଗାର ପ୍ରତିଷ୍ଠା ପାଇଁ ଉଦ୍ୟମ ହେବ ବୋଲି ସେ କହିଛନ୍ତି। ସହରର ଲକ୍ଷ୍ମୀକାନ୍ତ ନାୟକ, ଆଶିଷ କୁମାର ସେନାପତି, ଚିତ୍ତରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପଜିଲାପାଳଙ୍କ ମତରେ ଏକମତ ହୋଇପାରିନାହାନ୍ତି। ସେମାନେ ଦର୍ଶାଇଛନ୍ତି, ବିଦ୍ୟାଳୟରେ ଥିବା କମିଟି ସଦସ୍ୟ ଖାଦ୍ୟର ମାନ ଯାଞ୍ଚ ପାଇଁ କୌଣସି ତାଲିମ ନେଇନାହାନ୍ତି। ସେହିପରି ଆହାର, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଆଦିକୁ ଖାଦ୍ୟ ନିରୀକ୍ଷକ ଗସ୍ତ କରୁନାହାନ୍ତି। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପଚ୍ଚାମୁଣ୍ଡାଇରେ ହେବ ହାଉସିଂ କମ୍ପ୍ଲେକ୍ସ


ଉଚ୍ଚସ୍ତରୀୟ ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ,୧୭।୧ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇକୁ ଅତ୍ୟାଧୁନିକ ସହରରେ ପରିଣତ କରିବାକୁ ରିଂ ରୋଡ, ସ୍ମାର୍ଟ ପାର୍କ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ସରକାରଙ୍କ ହାଉସିଂ ବୋର୍ଡ ପକ୍ଷରୁ ମହାବୀଣା ନିକଟରେ ଏକ ହାଉସିଂ କମ୍ପ୍ଲେକ୍ସ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ରବିବାର କ୍ଷେତ୍ର ପରିଦର୍ଶନ ପାଇଁ ଏକ ଉଚ୍ଚସ୍ତରୀୟ ସରକାରୀ ପ୍ରତିନିଧି ଦଳ ପଟ୍ଟାମୁଣ୍ଡାଇ ଆସି ସ୍ଥିତି ପରଖିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହ ପୂର୍ବତନ ବିଧାୟକ ତଥା ହାଉସିଂ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ହାଉସିଂ ବୋର୍ଡ ସ୍କିମ ଅଫିସର ମାନସ ରଞ୍ଜନ ଦାସ, ପ୍ରୋଜେକ୍ଟ ଇଞ୍ଜିନିୟର ବିଭୂତି ଭୂଷଣ ବରାଳ, ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି, ପୌର ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ଅଭିମନ୍ୟୁ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ପ୍ରାକ୍ତନ ପୌରାଧକ୍ଷ ହେମନ୍ତ ସାହୁ, ଉପାଧକ୍ଷ ସୁମନ୍ତ ପାତ୍ର, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଅଶୋକ ଧଳ, ପଦାରବିନ୍ଦ ସାହୁ, ମଳୟ ମଲିକ, ସୁରେନ୍ଦ୍ର ଗିରି, ସୁବାସ ଦାଶ ଓ ସର୍ବେଶ୍ୱର ମହାନ୍ତି ପ୍ରମୁଖ ସାମିଲ ହୋଇ ହାଉସିଂ କମ୍ପ୍ଲେକ୍ସ ନିର୍ମାଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।


ମା'ଫୁଲଖାଇଙ୍କ ଜମି ନିକଟରେ ଗ୍ରାମବାସୀ ବିରୋଧ କରୁଛନ୍ତି।

## ପାଇପ୍‌ଲାଇନ୍ ବିଛା କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

**କୁଜଙ୍ଗ,୧୭।୧(ଡି.ଏନ୍.ଏ.)**

ଏରସମା ବ୍ଲକ ଅଭୟଚାନ୍ଦପୁର ଥାନା ଢିଙ୍କିଆ ଗ୍ରାମଦେଇ ପାରାଦୀପ–ହାଇଦ୍ରାବାଦ ପାଇପଲାଇନ୍ ବିଛା ଯିବା କାର୍ଯ୍ୟକୁ ଗ୍ରାମବାସୀ ଦୀର୍ଘଦିନ ହେବ ବିରୋଧ କରୁଛନ୍ତି। ଶନିବାର ଢିଙ୍କିଆ ଗ୍ରାମଦେବତୀ ମା' ଫୁଲଖାଇଙ୍କ ଜମି ଉପରେ ପାଇପ୍ ବିଛା କାର୍ଯ୍ୟ ଆରମ୍ଭ ବେଳେ ଗ୍ରାମବାସୀ ଏହାକୁ ବିରୋଧ କରି କାର୍ଯ୍ୟ ବନ୍ଦ କରିଥିଲେ। ରବିବାର ପୁନର୍ବାର ଗ୍ରାମବାସୀ ଉକ୍ତ ଜମି ନିକଟରେ ଏକତ୍ରିତ ହୋଇ ପାଇପ୍‌ଲାଇନ ବିଛା କାର୍ଯ୍ୟକୁ ବିରୋଧ କରିଥିଲେ। ସରକାର ସେମାନଙ୍କ ୪ ଦଫା ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି, ସରକାର ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ କରିବା ସହ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ପୋସ୍କୋ ଆନ୍ଦୋଳନ ସମୟର ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଓ ତୈଳ ବିଶୋଧନାଗାର ପ୍ରକଳ୍ପରେ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଅନ୍ତୁ। ଏହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗ୍ରାମରେ ପାଇପ୍‌ଲାଇନ ବିଛା କାର୍ଯ୍ୟ ହୋଇପାରିବ ନାହିଁ। ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ନିର୍ଭୟ ସାମନ୍ତରାୟ, ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ଅକ୍ଷୟ ଦାସ, ଦେବଦତ୍ତ ସ୍ୱାଇଁ, ଚନ୍ଦନ ମହାନ୍ତି, ମମତା ନାୟକ, ଅନୁପମା ବିଶ୍ୱାଳ, ଶାନ୍ତି ଦାସ ଓ ଶାନ୍ତି ସେଠୀ ପ୍ରମୁଖ ଏହି ପ୍ରତିବାଦ ସମୟରେ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡ଼ା ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା

**ପଟ୍ଟାମୁଣ୍ଡାଇ,୧୭।୧ସ୍ୱ.ପ୍ର.)**

**୩୧ରେ ଜିଲାରେ ସର୍ବଦଳୀୟ ସମନ୍ୱୟ ସମିତି ବୈଠକ**

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଏବେ ତୀବ୍ରତର ହେଉଛି। ଜିଲା ଜନମଞ୍ଚ ପକ୍ଷରୁ ରବିବାର ପଟ୍ଟାମୁଣ୍ଡାଇ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ବୈଠକରେ ଆବାହକ ଦୁର୍ଯ୍ୟୋଧନ ପରିଡା ଅଧକ୍ଷତା କରିଥିଲେ। ଏଥିରେ ବିଭିନ୍ନ ରାଜନୈତିକ ଓ ସାମାଜିକ ସଙ୍ଗଠନର ମିଳିତ କ୍ରିୟାନୁଷ୍ଠାନ ସମିତି ବ୍ଲକସ୍ତରୀୟ ସଭାରେ ଯୋଗଦେଇଥିଲେ। ସେମାନେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋରଦାର କରିଥିଲେ। ୩ଟି ଜିଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ହୋଇଥିବା ବେଳେ ୨୦ବର୍ଷ ମଧରେ ୧୦ଟି ସରକାରୀ ମେଡିକାଲ କଲେଜରେ ପହଞ୍ଚିଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ଏଥିରୁ ବାଦ ପଡିବା ଜିଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ମେଡିକାଲ କଲେଜ ପ୍ରତିଷ୍ଠା ନ ହେଲେ ଅସନ୍ତୋଷର ନିଆଁ ଗାଁ ଗଣ୍ଡାକୁ ବ୍ୟାପିବ ବୋଲି ବକ୍ତାମାନେ କହିଥିଲେ। ଏହି ଆନ୍ଦୋଳନକୁ ଜିଲାର ପ୍ରତ୍ୟେକ ବ୍ଲକରେ କିପରି ତୀବ୍ରତର କରାଯିବ ସେ ନେଇ ଆସନ୍ତା ୩୧ ତାରିଖରେ ଜିଲାରେ ସର୍ବ ଦଳୀୟ ସମନ୍ୱୟ ସମିତି ବୈଠକ ବସି ନକ୍ସା ପ୍ରସ୍ତୁତ କରାଯିବ ବୋଲି ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରାକ୍ତନ ବିଧାୟକ ଅଂଶୁମାନ ମହାନ୍ତି, କେନ୍ଦ୍ରାପଡ଼ା କଲେଜ ପ୍ରାକ୍ତନ ଅଧକ୍ଷ ନନ୍ଦକିଶୋର ପରିଡା, ପଟ୍ଟାମୁଣ୍ଡାଇ କଲେଜ ପ୍ରାକ୍ତନ ଅଧକ୍ଷ ଅନିରୁଦ୍ଧ ରାଉଳ, ତୁଳସୀ ମହିଳା କଲେଜ ପ୍ରାକ୍ତନ ଅଧକ୍ଷ ଅଜୟ ସାମଲ, ରାଜକନିକା କଲେଜ ପ୍ରାକ୍ତନ ଅଧକ୍ଷ ବୈକୁଣ୍ଠ ପରିଡା, ଡା. ବାସୁଦେବ ପାତ୍ର, ଭଜକୃଷ୍ଣ ରାଉତ, ଜିଲା ଓକିଲ ସଂଘ ସଭାପତି ସରୋଜରାଜ ସିଂହ, ଜିଲା ବିକାଶ ପରିଷଦ ଅଧକ୍ଷ ଡା. ମଧୁସୂଦନ ମିଶ୍ର, ପ୍ରାକ୍ତନ ପ୍ରଶାସକ କେଳୁ ଚରଣ ସ୍ୱାଇଁ, ସାହିତ୍ୟିକ ଡ. ବାସୁଦେବ ଦାସ, ଶିକ୍ଷାବିତ ଲକ୍ଷ୍ମୀଧର ପ୍ରାତ୍ର, ପ୍ରାକ୍ତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ମେଡିକାଲ କଲେଜ ପ୍ରତିଷ୍ଠା ହେଲେ କେନ୍ଦ୍ରାପଡ଼ା ସମେତ ଯାଜପୁର, ଭଦ୍ରକ ଓ ଜଗତ୍‌ସିଂହପୁର ଜିଲାର ଅଧିବାସୀ ଉପକୃତ ହୋଇପାରିବେ ବୋଲି କହିଥିଲେ। ସଭାରେ ସ୍ଥାନୀ ଅଞ୍ଚଳର ବହୁ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ଠାକୁର ସମ୍ପତ୍ତିରୁ ଘରଭଡ଼ା ଦାବି

**କେନ୍ଦ୍ରାପଡ଼ା ଅଫିସ, ୧୭।୧**

କେନ୍ଦ୍ରାପଡ଼ା ବ୍ଲକ ଗୁଲନଗର ଗ୍ରାମର ବୁଢ଼ା ଗୋବିନ୍ଦଜୀଉ ଠାକୁରଙ୍କ ନାମରେ ସହରର ତିନିମୁହାଣିଠାରେ ୨ ଏକର ୭ ଡିସିମିଲ ଜମି ଅଛି। ଏହି ଜମିରେ ବ୍ୟବସାୟିକ ଅନୁଷ୍ଠାନ ଗଢ଼ି ଉଠିଥିଲେ ମଧ ଘରଭଡ଼ା ମିଳୁନାହିଁ। ଜିଲାପାଳଙ୍କ ନିକଟରେ ଏପରି ଅଭିଯୋଗ ରବିବାର ଆଣି ଗ୍ରାମବାସୀ ସମସ୍ୟାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ଉପେନ୍ଦ୍ର କର କହିଛନ୍ତି, ଶ୍ରୀଜୀଉଙ୍କର ନୀତିକାନ୍ତି ପ୍ରତ୍ୟହ ଚାଲିଛି। ଏଥିନିମନ୍ତେ ପୂର୍ବରୁ ଖଞ୍ଜା ହୋଇଥିବା ଜମିର ଆୟକୁ ବିନିଯୋଗ କରାଯାଉଛି। ତିନିମୁହାଣି ଜମିରେ କେତେଜଣ ବ୍ୟକ୍ତି ବ୍ୟବସାୟ ପ୍ରତିଷ୍ଠାନ କରିଥିଲେ ମଧ ଘରଭଡା ଦେଉନାହାନ୍ତି। ଏ ନେଇ ୨୦୧୮ରେ ଦେବୋତ୍ତର କମିଶନ, ୨୦୧୯ରେ ଉଚ୍ଚ ନ୍ୟାୟାଳୟ ଓ ୨୦୨୦ରେ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ହୋଇଛି। ସର୍ବୋଚ୍ଚ ନ୍ୟାୟାଳୟ ଏ ନେଇ ଶୁଣାଣି ପରେ ଘରଭଡ଼ା ବାବଦ ଅର୍ଥ ଶ୍ରୀଜୀଉଙ୍କ ଖାତାରେ ଜମା ରଖିବାକୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ଏହି ବ୍ୟବସାୟୀମାନେ ଘରଭଡା ପଇଠ କରୁନାହାନ୍ତି। ଏ ସମ୍ପର୍କରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି, ଆଇନକୁ କାର୍ଯ୍ୟକାରୀ କରାଯିବ। ଗ୍ରାମର ରବୀନ୍ଦ୍ରନାଥ ରଥ, ଲକ୍ଷ୍ମୀନାରାୟଣ ସାହୁ, ଅଭୟ କୁମାର ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

**ରାଜନଗର,୧୭।୧(ଡି.ଏନ.ଏ.):** ରାଜନଗର ବ୍ଲକ ସାନବଡ଼ ଗୋପାଳପୁର ପଞ୍ଚାୟତ ନୁଗୁଗାଁର ମହେଶ୍ୱର ପ୍ରଧାନଙ୍କର ଦୁଇ ବଖରା ମରବିବାର ପୋଡିଯାଇଛି। ଅପରାହ୍ନରେ ଘରେ ରୋଷେଇ ଚାଲିଥିବା ବେଳେ ହଟାତ ଚାଳରେ ନିଆଁ ଲାଗି ଯାଇଥିଲା। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଛି। ଅଗ୍ନିଶମ ବାହୀନି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମହିଳାଙ୍କ ମିଳୁନି ପତ୍ତା

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର)**


ସ୍ୱାମୀଙ୍କ ସହ କଲ୍ୟାଣୀବାଳା।

ନୂଆପଡ଼ା ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତର ନୀଳମାଧବ ବିଦ୍ୟାପୀଠ ସମ୍ମୁଖରେ ପରିବାର ସହ ରହୁଥିବା ଜଣେ ମହିଳା ୨୦୨୦ ସେପ୍ଟେମ୍ବର ୧୨ରୁ ନିଖୋଜ ହୋଇଯାଇଥିବା ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଥିଲା। ଆଜି ପର୍ଯ୍ୟନ୍ତ ପୋଲିସ ସମ୍ପୃକ୍ତା ମହିଳାଙ୍କ ପତ୍ତା ପାଇପାରି ନାହିଁ। ଏହାକୁ ନେଇ ସମ୍ପୃକ୍ତା ମହିଳାଙ୍କ ମା' ଏବଂ କଣ୍ଟିଲୋ ଅଞ୍ଚଳର କେତେଜଣ ଭଦ୍ରବ୍ୟକ୍ତି ଗତ ଅକ୍ଟୋବର ୧୨ରେ ନୟାଗଡ଼ ଏସ୍‌ପିଙ୍କୁ ଭେଟି ଉକ୍ତ ଘଟଣାର ତଦନ୍ତ ପାଇଁ ନିବେଦନ କରିଛନ୍ତି। ତଥାପି ସମ୍ପୃକ୍ତା ମହିଳା ଏବେ କେଉଁ ଅବସ୍ଥାରେ ଅଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବସନ୍ତପଡ଼ା ଗ୍ରାମର କଲ୍ୟାଣୀବାଳା ସେନାପତି କଣ୍ଟିଲୋର ଶ୍ରୀକାନ୍ତ ବେହେରାଙ୍କୁ ୮ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ ଶ୍ରୀକାନ୍ତ ଏବଂ କଲ୍ୟାଣୀବାଳା ତାମିଲନାଡୁରେ ୩ ବର୍ଷ ରହିବା ପରେ କଣ୍ଟିଲୋ ଫେରି ଆସି ଏକ ଘର ଭଡ଼ା ନେଇ ରହୁଥିଲେ। ଇତିମଧ୍ୟରେ କଲ୍ୟାଣୀବାଳା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ୱାମୀଙ୍କ ସହ କଲ୍ୟାଣୀବାଳାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏହି ବିବାଦ ଅଦାଲତରେ ପହଞ୍ଚି ଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ କିଛିମାସ ଏହି ଦମ୍ପତି ପୁଅ ସହ ଏକାଠି ଚଳିଥିଲେ। ହେଲେ ଶ୍ରୀକାନ୍ତ ମୋତେ ନିର୍ଯାତନା ଦେଉଥିବା କଲ୍ୟାଣୀ ପୁଣି ଥରେ ଏସ୍‌ପିଙ୍କ ପାଖରେ ଅଭିଯୋଗ କରିଥିଲେ।

## ଚନ୍ଦନଙ୍କ ଚିକିତ୍ସାରେ ଅର୍ଥ ବାଧକ

**ଆଳି,୧୭।୧(ଡି.ଏନ.ଏ.)**


ଚନ୍ଦନ ସାହୁ।

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତ ଗୋପାଳଜୀଉ ପାଟଣା ଗାଁର ବଳରାମ ସାହୁଙ୍କ ପୁଅ ଚନ୍ଦନ(୧୪) କିଛିଦିନ ହେବ ବ୍ରେନ୍ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେ ସୀତାରାମ ବିଦ୍ୟାପୀଠରେ ୮ମ ଶ୍ରେଣୀରେ ପଢୁଛନ୍ତି। ବଳରାମ ଦିନ ମଜୁରିଆ କାମ କରୁଥିବାରୁ ପୁଅ ଚିକିତ୍ସା ନିମନ୍ତେ ଅର୍ଥ ବାଧକ ସାଜିଛି। ଚନ୍ଦନ କିଛିଦିନ ତଳେ ଖେଳୁଥିବା ବେଳେ ହଠାତ ଅଚେତ ହୋଇ ପଡ଼ିଥିଲେ। ତାଙ୍କ ମୁହଁରେ ପାଣି ଛାଟିବାରୁ କିଛି ସମୟ ପରେ ସେ ହୋସକୁ ଆସିଥିଲେ। ପୁଣି ଚନ୍ଦନ ଅସୁସ୍ଥ ମନେ କରିଥିଲେ। ଏହା ଦେଖି ଚନ୍ଦନଙ୍କ ପରିବାର ଲୋକ ତାକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଇଥିଲେ। ଡାକ୍ତରମାନେ କିଛି ଜାଣି ନ ପାରି କଟକ ବଡ ମେଡିକାଲକୁ ନେବାକୁ ପରାମର୍ଶ ଦେଇଥିଲେ। ବଳରାମ କଟକ ବଡ଼ ମେଡିକାଲରେ ଡାକ୍ତର ଦେଖାଇବା ପରେ ଚନ୍ଦନଙ୍କ ବ୍ରେନ୍ ସ୍କାନ କରାଯାଇଥିଲା। ସ୍କାନ୍ ପରେ ଚନ୍ଦନ ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଡାକ୍ତର ଚନ୍ଦନଙ୍କ ଅପରେଶନ କରିବାକୁ କହିଥିଲେ। ଅପରେଶନ ନିମନ୍ତେ ୨ରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହିଥିଲେ। ଦିନ ମଜୁରି କରି ୪ ପ୍ରାଣୀ କୁଟୁମ୍ବ ପୋଷୁଥିବା ବଳରାମ ଅପରେଶନ ନିମନ୍ତେ ଟଙ୍କା କେଉଁଠୁ ଯୋଗାଡ଼ କରିବେ ସେ ନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ଚନ୍ଦନଙ୍କ ଚିକିତ୍ସା ଲାଗି ବେସରକାରୀ ଓ ସରକାରୀ ସହାୟତା ମିଳିଲେ ସେ ସୁସ୍ଥ ହୋଇପାରିବେ ବୋଲି ତାଙ୍କ ବାପା ନିବେଦନ କରିଛନ୍ତି।

## ୪ ମିନି ଷ୍ଟାଡିୟମ ପାଇଁ ପ୍ରସ୍ତାବ

**ପାରାଦୀପ, ୧୭।୧(ସ୍ୱ.ପ୍ର.)**

କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ରବିବାର ପାରାଦୀପ ଗସ୍ତ କରିଥିଲେ। ସେ ପାରାଦୀପ ମାଛମଧରା ବନ୍ଦର ସହ ଅନ୍ୟ ସ୍ଥାନ ବୁଲି ଦେଖିଥିଲେ। ପାରାଦୀପରେ କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ୪ ମିନିଷ୍ଟାଡିୟମ କରାଯିବା ପ୍ରସ୍ତାବ ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶମତେ ଏହାର ସ୍ଥିତି ଅନୁଧ୍ୟାନ କରାଯାଉଛି ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏଥିସହ ସେ ମାଛଧରା ବନ୍ଦର ସମ୍ପର୍କରେ କହିଥିଲେ, କେନ୍ଦ୍ରାପଡା, ପୁରୀ ଓ ଜଗତ୍‌ସିଂହପୁର ଜିଲା ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ଜେଟି ଆବଶ୍ୟକତା ରହିଛି। ଏନେଇ ପାରାଦୀପର ମତ୍ସ୍ୟଜୀବୀଙ୍କ ସହ ଆଲୋଚନା କରିଛନ୍ତି। ଜେଟି ନିର୍ମାଣ ପାଇଁ ସରକାରୀସ୍ତରରେ ତାଙ୍କର ଯାହା ଭୂମିକା ରହିବ ତାହା ସେ କରିବେ ବୋଲି କହିଛନ୍ତି। ମନ୍ତ୍ରୀଙ୍କ ଗସ୍ତବେଳେ ବସନ୍ତ ବିଶ୍ୱାଳ, ଓମ୍ଫା ସଭାପତି ସୁମନ୍ତ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସମୁଦ୍ରରେ ବୁଲୁଛନ୍ତି।

## ଏକ୍ସପାୟାରି ସିରପ୍ ଖୋଳକୁ ନେଇ ଦ୍ୱନ୍ଦ୍ୱ

**ଜଗତ୍‌ସିଂହପୁର ଅଫିସ, ୧୭।୧**

୫ ବର୍ଷରୁ କମ୍ ପିଲାଙ୍କ ପାଇଁ ଦିଆଯାଉଥିବା ଆଇରନ ଫୋଲିକ ସିରପ୍ ଖୋଳକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଖୋଳ ଉପରେ ଥିବା ଷ୍ଟିକର ଉପରେ ଗୋଟିଏ ଏକ୍ସପାୟାରି ତାରିଖ ଏବଂ ଏହାକୁ ଚିରିଲା ପରେ ତା'ତଳେ ଅନ୍ୟ ଏକ ତାରିଖ ଉଲ୍ଲେଖ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଜଗତ୍‌ସିଂହପୁର ବ୍ଲକ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଯଶୋବନ୍ତପୁର ୧ ନମ୍ବର ୱାର୍ଡ ଓ ବଳରାମପୁର ପଞ୍ଚାୟତର ୧୫ ନମ୍ବର ୱାର୍ଡର କେତେଜଣ ବ୍ୟକ୍ତି ଏହି ସିରପ୍ ନେବାପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାପରେ ସେମାନଙ୍କଠାରୁ ଉକ୍ତ ସିରପ୍ ଫେରାଇ ଅଣାଯାଇଛି।

ଏ ସମ୍ପର୍କରେ ଯଶୋବନ୍ତପୁରର ଶାଶ୍ୱତ ରାୟ କହିଛନ୍ତି, ତାଙ୍କ ଘରେ ଆଶା ଦିଦି ଆଣି ଏହି ସିରପ୍ ଦେଇଥିଲେ। ଏହାର ଖୋଳରେ ଲାଗିଥିବା ଷ୍ଟିକରରେ ପ୍ରସ୍ତୁତ ତାରିଖ ଅଗଷ୍ଟ ୨୦୧୯ ଓ ଏକ୍ସପାୟାରି ଜୁଲାଇ ୨୦୨୧ ଉଲ୍ଲେଖ ରହିଛି। କିନ୍ତୁ ଏହାକୁ ଚିରିଲା ପରେ ସିରପ୍‌ର ଖୋଳ ଉପରେ ପ୍ରସ୍ତୁତ ତାରିଖ ଡିସେମ୍ବର ୨୦୧୮ ଓ ଏକ୍ସପାୟାରି ତାରିଖ ନଭେମ୍ବର ୨୦୨୦ ଦର୍ଶାଯାଇଛି। ଏ ବିଷୟରେ ଆଶା ଦିଦି ତଥା ଯଶୋବନ୍ତପୁର ଗାଁର କବିତା ପ୍ରଧାନ କହିଛନ୍ତି, ଏହି ସିରପ୍ ପିଲାଙ୍କୁ ବାଣ୍ଟିବା ପାଇଁ ତାଙ୍କୁ ଦିଆଯାଇଥିଲା। ସେ ସିରପ ଓ ଖୋଳ ଉପର କଭର ଦେଖି ନେଇଥିଲେ। ତା'ପରେ ୩ଟି ପିଲାଙ୍କୁ ୩ ବୋତଲ ଦେଇଥିଲେ। କିନ୍ତୁ ଷ୍ଟିକର ତଳେ ଅନ୍ୟ ଏକ ତାରିଖ ରହିବା କଥା ସେ ଜାଣନ୍ତି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅନୁରୂପ ଭାବେ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ୧୫ ନମ୍ବର ୱାର୍ଡରେ ମଧ ଏହି ସିରପ ଦିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚନ୍ଦ୍ରଦୀପ ବିଶ୍ୱାଳ ଭୟ କରିବାର କିଛି କାରଣ ନାହିଁ ବୋଲି କହିଛନ୍ତି। ସିରପ ବୋତଲ ଓ ଖୋଳ ଉପରେ ସମାନ ଏକ୍ସପାୟାରି ତାରିଖ ରହିଛି। ତେବେ ପୁରୁଣା ଖୋଳ ଉପରେ ନୂଆ ଏକ୍ସପାୟାରି ତାରିଖ ସଂଯୋଗ କରାଯାଇଥିବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଯୋଗାଯୋଗ କରାଯାଇ ନୂଆ ସିରପ ମଗାଯିବା ବ୍ୟବସ୍ଥା କରାଯିବ।



ଷ୍ଟିକର ଚିରିବା ପୂର୍ବରୁ ଓ ପରେ ସିରପ୍ ଖୋଳରେ ଥିବା ତାରିଖ

